# NATIONAL NEWS BULLETIN (ODIA)

**8 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଜାମ୍ମୁ କାଶ୍ମୀର ଏବଂ ହରିୟାଣା ବିଧାନସଭା ନିମନ୍ତେ ଭୋଟ୍‌ଗଣତି ଜାରି ।

- ଜାମ୍ମୁ କାଶ୍ମୀରରେ ନ୍ୟାସନାଲ କନ୍‌ଫରେନ୍ସ ଓ କଂଗ୍ରେସ ମେଣ୍ଟ ଆଗରେ ରହିଥିବାବେଳେ ହରିୟାଣାରେ ବିଜେପି ଆଗରେ ରହିଛି ।

- ୨୦୨୨ ମସିହା ନିମନ୍ତେ ଆଜି ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ବାୟୁସେନା ଦିବସ ଅବସରରେ ଭରତୀୟ ବାୟୁସେନାକୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଆଜି ତାଜମହଲ ପରିଦର୍ଶନରେ ଯିବେ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ।

ଏବଂ

- ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ରେ ଆଜି ମୁହାଁମୁହିଁ ହେବେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ।

---

# ଜେକେ-ହରିୟାଣା ମତଗଣନା

ଜାମ୍ମୁ-କାଶ୍ମୀର ଏବଂ ହରିୟାଣା ବିଧାନସଭା ନିର୍ବାଚନ ନିମନ୍ତେ ଆଜି ସକାଳ ୮ଟାରୁ ଭୋଟ୍‌ଗଣତି ଆରମ୍ଭ ହୋଇଛି । ବର୍ତ୍ତମାନସୁଦ୍ଧା ମିଳିଥିବା ଫଳାଫଳ ଅନୁଯାୟୀ ଜାମ୍ମୁ କାଶ୍ମୀରରେ ନ୍ୟାସନାଲ କନ୍‌ଫରେନ୍ସ ଏବଂ କଂଗ୍ରେସ ମେଣ୍ଟ ଆଗୁଆ ରହିଥିବାବେଳେ ହରିୟାଣାରେ ବିଜେପି ଆଗରେ ରହିଛି ।

ଜାମ୍ମୁ କାଶ୍ମୀରରେ ଏପର୍ଯ୍ୟନ୍ତ ୪ଟି ଆସନର ଫଳାଫଳ ଘୋଷିତ ହୋଇଛି । ବିଜେପି ଏବଂ ଜାମ୍ମୁ କାଶ୍ମୀର ନ୍ୟାସନାଲ କନ୍‌ଫରେନ୍ସ ଦଳକୁ ୨ଟି ଲେଖାଏଁ ଆସନ ମିଳିଛି । ବିଜେପି ଦର୍ଶନ କୁମାର ବସୌଲି ଆସନରୁ ବିଜୟୀ ହୋଇଛନ୍ତି । ଦଳୀୟ ନେତା ରଣବୀର ସିଂ ପଠାଣିଆ ଉଧମପୁର ଆସନରୁ ବିଜୟୀ ହୋଇଛନ୍ତି । ନ୍ୟାସନାଲ କନ୍‌ଫରେନ୍ସର ଅହମ୍ମଦ ଖାଁ ଗୁରେଜ ଆସନରୁ ୧ହଜାରରୁ ଅଧିକ ଭୋଟ୍‌ରେ ବିଜୟୀ ହୋଇଥିବାବେଳେ ହଜରତବଲ ଆସନରୁ ଦଳୀୟ ନେତା ସଲମାନ ସାଗର ବିଜୟୀ ହୋଇଥିବା ସୂଚନା ମିଳିଛି ।

ଜାମ୍ମୁ କାଶ୍ମୀରରେ ବଳକା ୮୬ଟି ଆସନ ମଧ୍ୟରୁ ଜାମ୍ମୁ କାଶ୍ମୀର ନ୍ୟାସନାଲ କନ୍‌ଫରେନ୍ସ ୪୧ଟି ଆସନରେ ଆଗୁଆ ଥିବାବେଳେ ଭାରତୀୟ ଜନତା ପାର୍ଟି ଗୋଟିଏ ଆସନରେ ବିଜୟୀ ହେବା ସହ ୨୬ଟି ଆସନରେ ଆଗୁଆ ରହିଛି । ସେହିପରି କଂଗ୍ରେସ ୭ଟି, ଜାମ୍ମୁକାଶ୍ମୀର ପିପୁଲ୍ସ ଡେମୋକ୍ରାଟିକ ପାର୍ଟି ୨ଟି, ଜାମ୍ମୁକାଶ୍ମୀର ପିପୁଲ କନ୍‌ଫରେନ୍ସ, ସିପିଆଇଏମ୍ ଓ ଆମ୍ ଆଦ୍‌ମୀ ପାର୍ଟି ଗୋଟିଏ ଲେଖାଏଁ ଆସନରେ

ଆଗରେ ଅଛନ୍ତି । ୭ଜଣ ଦଳୀୟ ପ୍ରାର୍ଥୀ ଆଗରେ ରହିଥିବା ସୂଚନା ମିଳିଛି ।

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାସନାଲ କନ୍‌ଫରେନ୍ସ ନେତା ଉମର ଅବଦୁଲ୍ଲା ଉଭୟ ବୁଦଗାମ ଏବଂ ଗନ୍ଦେରବଲ ଆସନରେ ଆଗୁଆ ରହିଥିବାବେଳେ ଅନନ୍ତନାଗ ଆସନରେ  କଂଗ୍ରେସର ପୀରଜାଦା ମହମ୍ମଦ ସୟଦ ଆଗରେ ଅଛନ୍ତି । ଅନନ୍ତନାଗ ପଶ୍ଚିମ ଆସନରୁ ନ୍ୟାସନାଲ କନ୍‌ଫରେନ୍ସର ଅବଦୁଲ ମାଜିଦ ଭଟ୍ଟ ଆଗରେ ଥିବାବେଳେ ହନ୍ଦୱାଡା ଆସନରୁ ଜାମ୍ମୁକାଶ୍ମୀର ପିପୁଲ୍ସ କନ୍‌ଫରେନ୍ସର ପ୍ରାର୍ଥୀ ସଜାଦ ଗନି ଲୋନେ ଆଗରେ ରହିଛନ୍ତି । ସିପିଆଇଏମ୍‌ର ମହମ୍ମଦ ୟୁସୁଫ ତରିଗାମି କୁଲଗାମ ଆସନରେ ଆଗରେ ରହିଥିବାବେଳେ ବରିଷ୍ଠ କଂଗ୍ରେସ ନେତା ଗୁଲାମ ମହମ୍ମଦ ମିର୍ ଦୋରୁ ଆସନରେ ଆଗରେ ଅଛନ୍ତି । ନ୍ୟାସନାଲ କନ୍‌ଫରେନ୍ସର ଡକ୍ଟର ବସିର ଅହମ୍ମଦ ବୀର୍ ଅନନ୍ତନାଗ ଜିଲ୍ଲାର ଶ୍ରୀଗୁଫୱାରା ବିଜ୍‌ବେହେରା ଆସନରେ ପିଡିପି ମୁଖ୍ୟ ମେହବୁବା ମୁଫତିଙ୍କ ଝିଅ ଇଲ୍‌ତିଜା ମୁଫ୍‌ତିଙ୍କ ଠାରୁ ଆଗରେ ଅଛନ୍ତି । ବିଜେପି ପ୍ରାର୍ଥୀ ବଲୱନ୍ତ ସିଂହ ମାଙ୍କୋଟିଆ ଉଧମପୁର ଆସନରେ ଆଗରେ ରହିଥିବା ଜଣାପଡିଛି ।

ଜାମ୍ମୁ କାଶ୍ମୀରରେ ୨୮ଟି ମତଗଣନା କେନ୍ଦ୍ରରେ ୮୭୩ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ । ଗତମାସ ୨୮ ଏବଂ ୨୫ ଓ ଚଳିତମାସ ୧ ତାରିଖରେ ୩ଟି ପର୍ଯ୍ୟାୟରେ ଜାମ୍ମୁ କାଶ୍ମୀରର ୯୦ଟି ବିଧାନସଭା ଆସନ ଲାଗି ମତଦାନ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ

୬୧ଦଶମିକ ୧/୧ ପ୍ରତିଶତ, ଦ୍ୱିତୀୟ ପର୍ଯ୍ୟାୟରେ ୫୭ଦଶମିକ ୩/୧ ପ୍ରତିଶତ ଏବଂ ତୃତୀୟ ପର୍ଯ୍ୟାୟରେ ଅଣସ୍ତରୀ ଦଶମିକ ୬/୫ ପ୍ରତିଶତ ମତଦାନ ରେକର୍ଡ ହୋଇଥିଲା । ମୋଟ୍ ଉପରେ ଚଳିତ ବିଧାନସଭା ନିର୍ବାଚନରେ ଜାମ୍ମୁ ଓ କାଶ୍ମୀରରେ ୬୩ଦଶମିକ ୮/୮ ପ୍ରତିଶତ ମତଦାନ ହୋଇଥିଲା ।

ହରିୟାଣାରେ କଂଗ୍ରେସ ଗୋଟିଏ ଆସନରେ ବିଜୟଲାଭ କରିଥିବାବେଳେ ୩୩ଟି ଆସନରେ ଆଗୁଆ ରହିଛି । ନୁହ ଆସନରୁ କଂଗ୍ରେସ ପ୍ରାର୍ଥୀ ଆଫତାବ ଅହମ୍ମଦ ବିଜୟଲାଭ କରିଛନ୍ତି । ବିଜେପି ୫୧ଟି ଆସନରେ ଆଗୁଆ ଥିବାବେଳେ ଇଣ୍ଡିଆନ ନ୍ୟାସନାଲ ଲୋକଦଳ ଏବଂ ବହୁଜନ ସମାଜପାର୍ଟି ଗୋଟିଏ ଲେଖାଏଁ ଆସନ ଓ ୩ଜଣ ସ୍ୱାଧୀନ ପ୍ରାର୍ଥୀ ଆଗରେ ରହିଛନ୍ତି ।

ବିଜେପି ନେତା ତଥା ମୁଖ୍ୟମନ୍ତ୍ରୀ ନ୍ୟାୟବ ସିଂହ ସାଇନି ଲଡୁଆ ଆସନରେ ଆଗରେ ରହିଥିବାବେଳେ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପିନ୍ଦର ସିଂହ ହୁଡା ରୋହତଗର ଗଡ଼ିସମ୍ପାଲା କିଲୋଇ ଆସନରେ ଆଗରେ ରହିଛନ୍ତି ।

ବିଜେପିର ମନୋଜ କୁମାର ହାଥିନ ଆସନରେ ଆଗରେ ଥିବାବେଳେ ନିଖିଲ ମଦନ ସୋନିପତ ଆସନରେ ଆଗରେ ଅଛନ୍ତି । ହରିୟାଣାର ମନ୍ତ୍ରୀ ମୁଲ ଚାନ୍ଦ ଶର୍ମା ବଲ୍ଲଭଗଡରେ ନିକଟତମ ପ୍ରତିଦ୍ୱନ୍ଦ୍ୱିଙ୍କଠାରୁ ଆଗରେ ରହିଥିବାବେଳେ ଗନୌର ଆସନରେ ସ୍ୱାଧୀନ

ପ୍ରାର୍ଥୀ ଦେବେନ୍ଦ୍ର କାଦ୍ୟାଁ ଓ ଜୁଲଣା ଆସନରୁ କୁସ୍ତିଯୋଦ୍ଧା ଭିନେଶ ଫୋଗତ ଆଗରେ ରହିଛନ୍ତି ।

ହରିୟାଣାରେ ଭୋଟ୍‌ଗଣତି ଲାଗି ୨୨ଟି ଜିଲ୍ଲାରେ ୯୦ଟି ମତଗଣନା କେନ୍ଦ୍ର କରାଯାଇଛି । ଚଳିତମାସ ୫ ତାରିଖରେ ହୋଇଥିବା ଭୋଟ୍‌ଗ୍ରହଣରେ ୬୭ଦଶମିକ ୯ ପ୍ରତିଶତ ମତଦାନ ହୋଇଥିଲା । ଗୋଟିଏ ପର୍ଯ୍ୟାୟରେ ହରିୟାଣାରେ ଭୋଟ୍‌ଗ୍ରହଣ ହୋଇଥିବାବେଳେ ୧ହଜାର ୩୧ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ।

ଭୋଟ୍‌ଗଣନା କାର୍ଯ୍ୟ ସ୍ୱଚ୍ଛ ଏବଂ ସୁରକ୍ଷିତ ଭାବରେ କରିବା ଲାଗି ନିର୍ବାଚନ ଆୟୋଗ ବ୍ୟାପକ ବ୍ୟବସ୍ଥା କରିଛନ୍ତି । ଭୋଟ୍‌ଗଣତି ସମ୍ପର୍କିତ ସୂଚନା ନିର୍ବାଚନ ଆୟୋଗଙ୍କ ୱେବ୍‌ସାଇଟ୍ eci.gov.in ରେ ଉପଲବ୍ଧ ହେଉଛି । ସମସ୍ତ ମତଗଣନା କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

## ପିଏମ୍ ବାୟୁସେନା ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବାୟୁସେନା ଦିବସ ଅବସରରେ ଭାରତୀୟ ବାୟୁସେନାକୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଅଦମ୍ୟ ସାହସ ଏବଂ ଦକ୍ଷତା ନିମନ୍ତେ ବାୟୁସେନା ପ୍ରଶଂସାର ପାତ୍ର । ରାଷ୍ଟ୍ରର ସୁରକ୍ଷା ଦିଗରେ ବାୟୁସେନାର ଭୂମିକା ଅତୁଳନୀୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଅବସରରେ

ପ୍ରଧାନମନ୍ତ୍ରୀ ବାୟୁସେନାର ସଫଳତା ଦର୍ଶାଉଥିବା ଏକ ଭିଡ଼ିଓ ପୋଷ୍ଟ କରି କହିଛନ୍ତି ଭାରତୀୟ ବାୟୁସେନା ଏକବିଂଶ ଶତାବ୍ଦୀର ସବୁଠାରୁ ଶକ୍ତିଶାଳୀ ସେନା ମଧ୍ୟରୁ ଅନ୍ୟତମ ।

## ରାଷ୍ଟ୍ରପତି-ଚଳଚ୍ଚିତ୍ର ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ୨୦୨୨ ମସିହା ନିମନ୍ତେ ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିବେ । ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରଦାନ କରାଯାଉଥିବା ସର୍ବୋଚ୍ଚ ସମ୍ମାନ ସ୍ୱରୂପ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ରାଷ୍ଟ୍ରପତି ଦାଦାସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରିବେ । କନ୍ନଡ଼ ଚଳଚ୍ଚିତ୍ର 'କଣ୍ଟାରା'ରେ ଶ୍ରେଷ୍ଠ ଅଭିନୟ ପାଇଁ ରିଷବ ସେଟ୍ଟୀଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ପ୍ରଦାନ କରାଯିବ । ସେହିପରି ତାମିଲ୍ ଚଳଚ୍ଚିତ୍ର 'ତିରୁଚିତ୍ରାମ୍ବଲମ୍' ପାଇଁ ନିତ୍ୟା ମେନନ୍ ଏବଂ ଗୁଜୁରାଟୀ ଚଳଚ୍ଚିତ୍ର 'କଚ୍ଛ ଏକ୍ସପ୍ରେସ୍' ପାଇଁ ମାନସୀ ପାରେଖଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପ୍ରଦାନ କରାଯିବ ।

ଚଳଚ୍ଚିତ୍ର ଉପରେ ଆଧାରିତ ସର୍ବଶ୍ରେଷ୍ଠ ପୁସ୍ତକ ପୁରସ୍କାର ଅନିରୁଦ୍ଧ ଭଟ୍ଟାଚାର୍ଯ୍ୟ ଏବଂ ପାର୍ଥିବ ଧରଙ୍କୁ ସେମାନଙ୍କ ପୁସ୍ତକ 'କିଶୋର କୁମାର – ଦ ଅଲ୍ଟିମେଟ୍ ବାୟୋଗ୍ରାଫି' ପାଇଁ ମିଳିବ । ସେହିପରି ମାଲାୟଲମ ଚଳଚ୍ଚିତ୍ର 'ଆଟମ୍'କୁ ସର୍ବଶ୍ରେଷ୍ଠ ଫିଚର ଫିଲ୍ମ ପୁରସ୍କାର ଏବଂ ସୁରଜ ବଡ଼ଜାତ୍ୟାଙ୍କୁ ସର୍ବଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ପ୍ରଦାନ କରାଯିବ । ଫିଚର ଫିଲ୍ମ ଶ୍ରେଣୀରେ ଗୁଲମୋହରକୁ ସର୍ବଶ୍ରେଷ୍ଠ ହିନ୍ଦୀ ଚଳଚ୍ଚିତ୍ର ଏବଂ ଅଣ-

ଫିଚର ଫିଲ୍ମ ବର୍ଗରେ ହରିଆଣା ଚଳଚ୍ଚିତ୍ର ଫୌଜାକୁ ସର୍ବଶ୍ରେଷ୍ଠ ଗୀତ ଭାବେ ପୁରସ୍କୃତ କରାଯିବ ।

ସଂଗୀତ ବର୍ଗରେ ଅରିଜିତ ସିଂହଙ୍କୁ ସର୍ବଶ୍ରେଷ୍ଠ ପୁରୁଷ ପାର୍ଶ୍ୱ ଗାୟକ ଏବଂ ବମ୍ବେ ଜୟଶ୍ରୀଙ୍କୁ ସର୍ବଶ୍ରେଷ୍ଠ ଗାୟିକା ଭାବେ  ପୁରସ୍କାର ଦିଆଯିବ । ଚଳଚ୍ଚିତ୍ର ଜଗତକୁ ଅବଦାନ ପାଇଁ ପୋନିଇନ୍ ସେଲଭାନ ପ୍ରଥମ ଭାଗ, କେ.ଜି.ଏଫ୍.-୨, ବ୍ରହ୍ମାସ୍ତ୍ର, ଅପରାଜିତ, ଏମୁଥ୍ ପୁଥ୍, କାବେରୀ ଅର୍ନ୍ତଧାନ, ଦମନ ଏବଂ ବାଗି ଦି ଧୀ ଚଳଚ୍ଚିତ୍ରକୁ ମଧ୍ୟ ସମ୍ମାନିତ କରାଯିବ ।

## ପିଏମ୍ ନବରାତ୍ରୀ

ନବରାତ୍ରୀ ପୂଜାର ଆଜି ଷଷ୍ଠୀ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେବୀ କାତ୍ୟାୟନୀଙ୍କ ପୂଜାର୍ଚ୍ଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଦେବୀ କାତ୍ୟାୟନୀ ସମସ୍ତ ଶ୍ରଦ୍ଧାଳୁଙ୍କ ଜୀବନରେ ଶକ୍ତି ଏବଂ ସାହସ ସଞ୍ଚାର କରନ୍ତୁ ବୋଲି କାମନା କରିଛନ୍ତି ।

## ଜାତିସଂଘ ଭିଡ଼ିଓ ବାର୍ତ୍ତା

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ଗାଜା ସଂଘର୍ଷର ପ୍ରଥମ ବର୍ଷ ପୂର୍ତ୍ତିରେ ଏକ ବାର୍ତ୍ତା ଜରିଆରେ ପଶ୍ଚିମ ଏସିଆରେ ଶାନ୍ତି ସ୍ଥାପନ ଲାଗି

ଆହ୍ୱାନ ଦେଇଛନ୍ତି । ଗତକାଲି ଏକ ଭିଡ଼ିଓ ବାର୍ତ୍ତାରେ ଶ୍ରୀ ଗୁଟେରସ କହିଛନ୍ତି ଲୋକମାନଙ୍କୁ ପଣବନ୍ଦୀ ରଖିବା ଏବଂ ହମାସ୍‌ର ଘୃଣ୍ୟକାର୍ଯ୍ୟକୁ ବିଶ୍ୱର ସମସ୍ତ ଦେଶ ନିନ୍ଦା କରିବା ଆବଶ୍ୟକ । ଶ୍ରୀ ଗୁଟେରସ ସମସ୍ତ ପଣବନ୍ଦୀ ଓ ପୀଡିତଙ୍କୁ ବିନା ସର୍ତ୍ତରେ ମୁକ୍ତ କରିବା ଲାଗି ଦାବି କରିଛନ୍ତି ।

## ସୁଦାନ ଆକ୍ରମଣ

ସୁଦାନରେ ବିସ୍ଥାପିତମାନେ ରହୁଥିବା ଏକ ଶିବିର ଉପରେ ସରକାର ବିରୋଧୀ ର୍‍ୟାପିଡ ସପୋର୍ଟ ଫୋର୍ସ ଆକ୍ରମଣ କରିବା ଫଳରେ ୭ଜଣଙ୍କ ମୃତ୍ୟୁ ହୋଇଛି । ଏହି ଆକ୍ରମଣରେ ଅଣଷଠୀ ଜଣ ଆହତ ହୋଇଛନ୍ତି । ସୁଦାନର ଉତ୍ତର ଦାରଫୁରସ୍ଥିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ କହିଛନ୍ତି ଗତ ୨ଦିନ ହେବ ର୍‍ୟାପିଡ ସପୋର୍ଟ ଫୋର୍ସ ବିସ୍ଥାପିତମାନେ ରହୁଥିବା ଶିବିର ଉପରେ ଲଗାତର ଆକ୍ରମଣ କରୁଛି । ସେଠାକାର ସରକାରୀ ସଂଗଠନ ସୁଦାନ ଡାକ୍ତରୀ ସଂଗଠନ ପକ୍ଷରୁ ଘଟଣାର ନିନ୍ଦା କରାଯାଇଛି । ଗତବର୍ଷ ଅପ୍ରେଲ ୧୫ ପରଠାରୁ ସୁଦାନରେ ସେଠାକାର ସୁରକ୍ଷାବାହିନୀ ଏବଂ ବିରୋଧୀ ର୍‍ୟାପିଡ ସପୋର୍ଟ ଫୋର୍ସ ମଧ୍ୟରେ ସଂଘର୍ଷ ଜାରି ରହିଛି । ଜାତିସଂଘ ସୂଚନା ଅନୁଯାୟୀ ଏହି ସଂଘର୍ଷ ଫଳରେ ଏପର୍ଯ୍ୟନ୍ତ ୨୦ହଜାର ଲୋକଙ୍କ ମୃତ୍ୟୁ ଘଟିଛି । ପାଖାପାଖି ୧ଲକ୍ଷରୁ

ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି । ସେଠାରେ ବିସ୍ଥାପିତଙ୍କ ଲାଗି ୩ଟି ଶିବିର ଖୋଲାଯାଇଛି ।

## ମୁଇଜ୍ଜୁ-ତାଜମହଲ

ମାଳଦ୍ୱୀପର ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ଏବଂ ସେଠାକାର ପ୍ରଥମ ମହିଳା ସାଜିଦା ମହମ୍ମଦ ଆଜି ତାଜମହଲ ପରିଦର୍ଶନରେ ଯିବେ । ଆମ ସମ୍ବାଦଦାତା ଜଣାଇଛନ୍ତି ଆଗ୍ରା ବିମାନବନ୍ଦରରେ ଶ୍ରୀ ମୁଇଜ୍ଜୁ ଏବଂ ତାଙ୍କ ପତ୍ନୀଙ୍କୁ ଉତ୍ତରପ୍ରଦେଶ ମନ୍ତ୍ରୀ ଯୋଗେନ୍ଦ୍ର ଉପାଧ୍ୟାୟ ସ୍ୱାଗତ କରିବେ । ମାଳଦ୍ୱୀପ ରାଷ୍ଟ୍ରପତିଙ୍କ ପରିଦର୍ଶନ ସମୟରେ ୨ଘଣ୍ଟା ପାଇଁ ତାଜମହଲକୁ ସାଧାରଣ ଜନତାଙ୍କ ଦର୍ଶନ ନିମନ୍ତେ ବନ୍ଦ ରଖାଯିବ । ପରେ ଶ୍ରୀ ମୁଇଜ୍ଜୁ ଆଜି ମୁମ୍ବାଇ ଗସ୍ତ କରିବେ । ଆସନ୍ତାକାଲି ସେ ବେଙ୍ଗାଲୁରୁ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି ।

## ମାଣ୍ଡବୀୟ ଦୀପା ସନ୍ୟାସ

ଭାରତୀୟ ଜିମ୍ନାଷ୍ଟିକ୍ ଖେଳାଳି ଦୀପା କର୍ମାକର ଖେଳରୁ ସନ୍ୟାସ ଘୋଷଣା କରିବା ପରେ କେନ୍ଦ୍ର ଯୁବା କାର୍ଯ୍ୟକ୍ରମ ଏବଂ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ମାଣ୍ଡବୀୟ କହିଛନ୍ତି ଦୀପାଙ୍କ ପ୍ରତିଭା ଲକ୍ଷଲକ୍ଷ ଯୁବଗୋଷ୍ଠୀ ଏବଂ ବିଶେଷଭାବେ ଝିଅମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ

ବଢ଼ିବା ନିମନ୍ତେ ପ୍ରେରଣା ଯୋଗାଇଛି । ସେ କହିଛନ୍ତି ଦୀପାଙ୍କ ସଫଳତା ଭାରତକୁ ବିଶ୍ୱସ୍ତରରେ ଗୌରବାନ୍ୱିତ କରିଛି ।

ଦୀପା କର୍ମକାର ଖେଳରୁ ସନ୍ୟାସ ନେବା ବିଷୟ ଘୋଷରା କରି ସାମାଜିକ ଗଣମାଧମରେ କହିଛନ୍ତି ଏଭଳି ନିଷ୍ପତ୍ତି ନେବା ତାଙ୍କ ପାଇଁ ସହଜ ନଥିଲା କିନ୍ତୁ କ୍ରୀଡ଼ା କ୍ଷେତ୍ରରୁ ସନ୍ୟାସ ନେବାର ଏହା ପ୍ରକୃଷ୍ଟ ସମୟ ଥିଲା ।

## କ୍ରିକେଟ୍

ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ରେ ଆଜି ସନ୍ଧ୍ୟାରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ହେବ । ଗ୍ରୁପ୍-ଏର ଏହି ମ୍ୟାଚ୍ ସାରଜା କ୍ରିକେଟ୍ ଷ୍ଟାଡିୟମ୍‌ରେ ଭାରତୀୟ ସମୟ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ । ଉଭୟ ଟିମ୍ ସେମାନଙ୍କର ପ୍ରଥମ ମ୍ୟାଚ୍ ଜିତି ସାରିଛନ୍ତି ।

ଗତକାଲି ସାରଜାରେ ଇଂଲଣ୍ଡ ୭ ଓ୍ୱିକେଟ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି । ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୧୨୪ରନ୍ ସ୍କୋର କରିଥିଲା । ଇଂଲଣ୍ଡ ୭ ଓ୍ୱିକେଟ୍ ଏବଂ ୪ଟି ବଲ୍ ବାକିଥାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା ।

ସେହିପରି ଭାରତ ଏବଂ ବାଂଲାଦେଶ ମଧ୍ୟରେ ଆସନ୍ତାକାଲି ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ । ସନ୍ଧ୍ୟା ୭ଟାରେ ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ମ୍ୟାଚ୍ ଖେଳିବ । ୩ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି

କ୍ରିକେଟ୍ ଶୃଙ୍ଖଳାରେ ଭାରତ ଗୋଟିଏ ମ୍ୟାଚ୍‌ରେ ବିଜୟ ଲାଭ କରି ୧-୦ରେ ଆଗରେ ଅଛି । ତେବେ ଏହି ମ୍ୟାଚ୍ ବାଂଲାଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ । ଗତ ରବିବାର ଦିନ ହୋଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୭ ୱିକେଟ୍‌ରେ ବାଂଲାଦେଶକୁ ପରାସ୍ତ କରିଥିଲା । ସେହି ମ୍ୟାଚ୍‌ରେ ଭାରତୀୟ ବୋଲର ଅର୍ଶଦୀପ ସିଂହ ଏବଂ ବରୁଣ ଚକ୍ରବର୍ତ୍ତୀ ୩ଟି ଲେଖାଏଁ ୱିକେଟ୍ ହାସଲ କରିଥିଲେ ।